# :: ଇତିହାସ::

ଫସଲରେ ରୋଗପୋକ ସର୍ବେକ୍ଷଣ ଏକ ପୁରାତନ ପ୍ରଥା । ଷାଠିଏ ଦଶକରେ ଚାଷୀମାନେ ପ୍ରତ୍ୟହ ସକାଳ ସନ୍ଧ୍ୟାରେ ନିଜ କ୍ଷେତ୍ରକୁ ପରିଦର୍ଶନ କରି ନିଜର ଅନୁଭୂତି ଓ ଆଖ ପାଖରେ ମିଳୁଥିବା ସାମଗ୍ରୀକୁ ବ୍ୟବହାର କରି ରୋଗପୋକକୁ ନିୟନ୍ତ୍ରଣ କରୁଥିଲେ । ସତୁରୀ ଦଶକରେ ରାସାୟନିକ କୀଟନାଶକର ବ୍ୟବହାର ଆରମ୍ଭ ହେବା ସହ ଏହାର କୁ ପ୍ରଭାବ ମନୁଷ୍ୟ ଓ ଜୀବଜଗତ ଉପରେ ପଡିବାର ଲକ୍ଷ୍ୟ କରାଗଲା । ଏହାପରେ ଆମଦେଶରେ ବିଜ୍ଞାନ ସମ୍ମତ ରୋଗପୋକ ସର୍ବେକ୍ଷଣ ପଦ୍ଧତିର ପ୍ରୟୋଗ କୃଷି କ୍ଷେତ୍ରରେ ଆରମ୍ଭ ହେଲା ।

ଆମରାଜ୍ୟରେ କୃଷିବିଭାଗ ଓ କେନ୍ଦ୍ରୀୟ ସମନ୍ୱିତ ରୋଗପୋକ ପରିଚାଳନା କେନ୍ଦ୍ର, ଭୁବନେଶ୍ବର ର ମିଳିତ ଉଦ୍ୟମରେ କ୍ଷେତ୍ର ପରିଭ୍ରମଣ ଦ୍ୱାରା ସର୍ବେକ୍ଷଣ କରାଯାଇ ଏହାର ରିପୋଟ କାର୍ଡ ଡାକ ଦ୍ୱାରା ପ୍ରେରଣ କରାଯାଉଥିଲା । ଏହାକୁ ତରାନ୍ୱିତ କରିବାପାଇଁ DDA ,PP ଙ୍କ ତତ୍ତ୍ୱାବଧାନରେ ୬୩ ଟି AAO(PS) ପଦବୀ ସୃଷ୍ଟି କରାଗଲା ।

ଇଲୋକ୍ଟ୍ରୋନିକ ମିଡିଆର ବ୍ୟବହାର ପରେ ୨୦୧୦-୧୧ ରୁ ସର୍ବେକ୍ଷଣ ପ୍ରକ୍ରିୟା NCIPM ଜାତୀୟ ସମନ୍ୱିତ ରୋଗପୋକ ପରିଚାଳନା କେନ୍ଦ୍ର ସହାୟତାରେ ଅନଲାଇନ ଆରମ୍ଭ କରାଗଲା । ଏଥିରେ ସ୍କାଉଟ ଓ ମନିଟରମାନଙ୍କୁ ନିୟୋଜିତ କରାଗଲା ।

କିନ୍ତୁ ଏହି ପଦ୍ଧତିରେ ରୋଗପୋକ ସମ୍ପର୍କୀୟ ଉପଦେଶାବଳୀ ସପ୍ତାହକୁ ଥରେ ପ୍ରକାଶ କରାଯାଉଥିଲା । ବର୍ତମାନ ଏହାକୁ ଅଧିକ ତରାନ୍ୱିତ କରି ରୋଗପୋକ ସମ୍ବନ୍ଧୀୟ ଉପଦେଶ ତତ୍ କ୍ଷଣାତ ଚାଷୀପାଖରେ ପହଞ୍ଚାଇବା ପାଇଁ ମୋବାଇଲ ଆପ୍ ର ଶୁଭାରମ୍ଭ କରାଯାଉଅଛି ।